# NATIONAL NEWS BULLETIN (ODIA)

**30 October - 2024**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଗୁଜରାଟରେ  ୨୮୦ କୋଟିରୁ ଅଧିକ ଟଙ୍କାର ବିଭିନ୍ନ  ବିକାଶ ପ୍ରକଳ୍ପର  କରିବେ ଉଦ୍‌ଘାଟନ ଓ ଶିଳାନ୍ୟାସ  ।

- ଝାଡ଼ଖଣ୍ଡ ବିଧାନସଭାର ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ନିମନ୍ତେ ଆଜି ନାମାଙ୍କନପତ୍ର ଗୁଡ଼ିକର ଯାଞ୍ଚ କାର୍ଯ୍ୟ ଜାରି ।

- କେରଳ ହାଇକୋର୍ଟରେ  ୫ ଜଣ ନୂଆ ଅତିରିକ୍ତ ବିଚାରପତିଙ୍କ ଶପଥ ଗ୍ରହଣ ।

- ଦୀପାବଳି ଏବଂ ଛଟ୍ ପର୍ବ ଅବସରରେ ଭାରତୀୟ ରେଳବାଇ ପକ୍ଷରୁ ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳର ବ୍ୟବସ୍ଥା ।

ଏବଂ

- ଦୀପାବଳି ଉପଲକ୍ଷେ ଆମେରିକାର ନିଉୟର୍କ ସିଟି ସ୍କୁଲ୍ ଗୁଡ଼ିକରେ ନଭେମ୍ବର ପହିଲାରେ ଛୁଟି ଘୋଷଣା

---

## ପିଏମ୍-ଗୁଜରାଟ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ସନ୍ଧ୍ୟାରେ ଗୁଜରାଟର  ଏକତା ନଗର ଠାରେ ୨୮୦ କୋଟିରୁ ଅଧିକ ଟଙ୍କାର ବିଭିନ୍ନ  ବିକାଶ ପ୍ରକଳ୍ପର

ଉଦ୍‌ଘାଟନ ଓ ଶିଳାନ୍ୟାସ କରିବେ । ଏହି ପ୍ରକଳ୍ପ ଗୁଡ଼ିକ ପର୍ଯ୍ୟଟନ ଭିତ୍ତିଭୂମିକୁ ବୃଦ୍ଧି କରିବା ଏବଂ ନିରନ୍ତର ବିକାଶକୁ ତ୍ୱରାନ୍ୱିତ କରିବ । ପ୍ରଧାନମନ୍ତ୍ରୀ ଆରମ୍ଭ ୬ ଦଶମିକ୍ ଶୂନ୍‌ର ୯୯ତମ କମନ୍ ଫାଉଣ୍ଡେସନ୍ ପାଠ୍ୟକ୍ରମରେ ପ୍ରଶିକ୍ଷାର୍ଥୀଙ୍କୁ ସମ୍ବୋଧନ କରିବେ । ଚଳିତ ବର୍ଷର ଏହି କାର୍ଯ୍ୟକ୍ରମର ବିଷୟବସ୍ତୁ ରହିଛି 'ଆତ୍ମ ନିର୍ଭର ଓ ବିକଶିତ ଭାରତ ପାଇଁ କାର୍ଯ୍ୟ ଖସଡ଼ା' । ଏହି ପାଠ୍ୟକ୍ରମରେ ଭାରତ ୧୬ଟି ପ୍ରଶାସନିକ ସେବା ଏବଂ ଭୁଟାନର ତିନୋଟି ପ୍ରଶାସନିକ ସେବାର ୬୫୩ ଜଣ ଅଧିକାରୀ ପ୍ରଶିକ୍ଷଣ ନେଉଛନ୍ତି ।

ପ୍ରଧାନମନ୍ତ୍ରୀ ଆସନ୍ତାକାଲି ରାଷ୍ଟ୍ରୀୟ ଏକତା ଦିବସ ସମାରୋହରେ ଅଂଶଗ୍ରହଣ କରିବାର ମଧ୍ୟ କାର୍ଯ୍ୟସୂଚୀ ରହିଛି । ଶ୍ରୀ ମୋଦୀ ଷ୍ଟାଚ୍ୟୁ ଅଫ୍ ୟୁନିଟ୍ ଠାରେ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବେ । ଏକତା ଦିବସ ଶପଥ ପାଠ ଉତ୍ସବରେ ଅଂଶ ଗ୍ରହଣ କରିବା ସହ ପ୍ରଧାନମନ୍ତ୍ରୀ ଏକତା ଦିବସ ପ୍ୟାରେଡ୍‌ରେ ଅଭିବାଦନ ଗ୍ରହଣ କରିବେ ।

## ବିଧାନସଭା ନିର୍ବାଚନ

ଝାଡ଼ଖଣ୍ଡ ବିଧାନସଭାର ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ନିମନ୍ତେ ଆଜି ନାମାଙ୍କନପତ୍ର ଗୁଡ଼ିକର ଯାଞ୍ଚ କାର୍ଯ୍ୟ ଜାରି ରହିଛି । ଏହି ପର୍ଯ୍ୟାୟ ନିମନ୍ତେ ୬୩୪ ଜଣ ପ୍ରାର୍ଥୀ ସେମାନଙ୍କର ନାମାଙ୍କନପତ୍ର ଦାଖଲ କରିଛନ୍ତି । ଦ୍ୱିତୀୟ ପର୍ଯ୍ୟାୟରେ ୩୮ଟି ବିଧାନସଭା ଆସନ ପାଇଁ ଆସନ୍ତାମାସ ୨୦ ତାରିଖରେ ଭୋଟ୍ ଗ୍ରହଣ କରାଯିବ । ପ୍ରଥମ ପର୍ଯ୍ୟାୟ

ନିର୍ବାଚନ ପାଇଁ ଆଜି ପ୍ରାର୍ଥିପତ୍ର ପ୍ରତ୍ୟାହାରର ଶେଷଦିବସ ରହିଛି । ଏହି ପର୍ଯ୍ୟାୟ ନିର୍ବାଚନ ନିମନ୍ତେ ୭୪୩ଟି ନାମାଙ୍କନପତ୍ର ବୈଧ ଘୋଷଣା କରାଯାଇଛି ।  ପ୍ରଥମ ପର୍ଯ୍ୟାୟରେ ୪୩ଟି ବିଧାନସଭା ମଣ୍ଡଳୀ ପାଇଁ ଆସନ୍ତା ମାସ ୧୩ ତାରିଖରେ ଭୋଟ୍ ଗ୍ରହଣ କରାଯିବ ।  ନିର୍ବାଚନ ଆଚରଣ ବିଧି ଘୋଷଣା ହେବା ପରେ ରାଜ୍ୟର ବିଭିନ୍ନ ସ୍ଥାନରେ ଯାଞ୍ଚ କାର୍ଯ୍ୟ ବେଳେ ପ୍ରାୟ ୧୦୩ କୋଟିରୁ ଊର୍ଦ୍ଧ୍ୱ ମୂଲ୍ୟର ବେଆଇନ ଦ୍ରବ୍ୟ ଏବଂ ଟଙ୍କା ଜବତ କରାଯାଇଛି । ସେହିପରି ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ ଅଭିଯୋଗରେ ୨୯ଟି ମାମଲା ଦାୟର କରାଯାଇଛି । ରାଜ୍ୟରେ ଅବାଧ, ମୁକ୍ତ ଓ ନିରପେକ୍ଷ ନିର୍ବାଚନ ନିମନ୍ତେ ନକ୍ସଲ ଉପଦ୍ରୁତ ଅଞ୍ଚଳରେ କମ୍ବିଂ ଅପରେସନକୁ ଜୋରଦାର କରାଯାଇଛି । ଝାଡ଼ଖଣ୍ଡର ପାଲାମୁ ଜିଲ୍ଲା ଅନ୍ତର୍ଗତ ପାଙ୍କୀ ଥାନା ଅଞ୍ଚଳରେ ୩ ଜଣ ମାଓବାଦୀଙ୍କୁ ଗିରଫ କରାଯାଇଥିବା ସୂଚନା ମିଳିଛି ।

## ନଡ୍ଡା ଓଥ୍

ବିଶ୍ୱ ଏକତା ଦିବସ-୨୦୨୪ର ଅବ୍ୟବହିତ ପୂର୍ବରୁ  କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜଗତପ୍ରକାଶ ନଡ୍ଡା ଆଜି ନୂଆଦିଲ୍ଲୀରେ ଏକତା ଶପଥପାଠ କରିଛନ୍ତି । ସ୍ୱାସ୍ଥ୍ୟ ରାଷ୍ଟ୍ରମନ୍ତ୍ରୀ ପ୍ରତାପ ରାଓ ଯାଦବ, ସ୍ୱାସ୍ଥ୍ୟ ସଚିବ ପୁଣ୍ୟସଲୀଳା ଶ୍ରୀବାସ୍ତବ ଏବଂ ବରିଷ୍ଠ ଅଧିକାରୀମାନେ ମଧ୍ୟ ଏହି ଶପଥଗ୍ରହଣ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ । ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୟନ୍ତୀ ଅବସରରେ ପ୍ରତିବର୍ଷ ଅକ୍ଟୋବର ୩୧ତାରିଖରେ ବିଶ୍ୱ ଏକତାଦିବସ ପାଳିତ ହୋଇଆସୁଛି । ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ନୀତି ଓ ଆଦର୍ଶକୁ ସମ୍ମାନ ଜଣାଇ ଏହି ଦିବସ ପାଳନ କରାଯାଉଛି ।

ତାଙ୍କର ଦୂରଦୃଷ୍ଟି ଏବଂ ନେତୃତ୍ୱ ସଂଗଠିତ ଭାରତ ଗଠନ ଦିଗରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା । ଏହି ଅବସରରେ ଶ୍ରୀ ନଡ୍ଡା କହିଛନ୍ତି ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ  ନେତୃତ୍ୱ ଏବଂ ଆଦର୍ଶକୁ ଅନୁସରଣ କରି ଏକ ଭାରତ ଶ୍ରେଷ୍ଠ ଭାରତର ମୂଳଦୁଆ ସ୍ଥାପିତ କରାଯାଇଛି । ଜାତୀୟ ଏକତା ଦ୍ୱାରା ଏକ ବିକାଶଶୀଳ ଏବଂ ସଂଗଠିତ ସମାଜ ଗଠନ ହେବା ଉପରେ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ଗୁରୁତ୍ୱ ପ୍ରଦାନ କରିଥିଲେ । ଅନନ୍ୟ ଭାରତ ଗଠନ ନିମନ୍ତେ ଦେଶବାସୀଙ୍କର କାର୍ଯ୍ୟ ଏବଂ ନୀତିରେ ସମାବେଶୀ ମନୋଭାବ ରହିବା ଆମର ମିଳିତ ଦାୟିତ୍ୱ ହେବା ଉଚିତ ବୋଲି ମନ୍ତ୍ରୀ ଶ୍ରୀ ନଡ୍ଡା କହିଛନ୍ତି ।

## ହୋମ୍ ସେକ୍ରେଟାରୀ-ଏନ୍‌ଡିଆରଏଫ୍

କେନ୍ଦ୍ର ସ୍ୱରାଷ୍ଟ୍ର ସଚିବ ଗୋବିନ୍ଦ ମୋହନ କହିଛନ୍ତି ଜାତୀୟ ବିପର୍ଯ୍ୟୟ ତ୍ୱରିତ ବାହିନୀ-ଏନ୍‌ଡିଆରଏଫ୍ ଗତ ଏକବର୍ଷ ମଧ୍ୟରେ ୯୦୦ଟି ଉଦ୍ଧାର କାର୍ଯ୍ୟରେ ସଫଳତା ହାସଲ କରିଛି  ଏବଂ ୩ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କର ଜୀବନ ରକ୍ଷା କରିପାରିଛି । ନୂଆଦିଲ୍ଲୀରେ ଶହୀଦ ସ୍ମୃତି ସମାରୋହ ପାଳନ ଅବସରରେ ଶହୀଦମାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରି ସେ ଏହା କହିଛନ୍ତି । ଶ୍ରୀ ମୋହନ କହିଛନ୍ତି ଏନ୍‌ଡିଆରଏଫ୍ ଦେଶବାସୀଙ୍କର ବିଶ୍ୱାସର ପ୍ରତୀକ ଭାବେ ସଂପ୍ରତି ଉଦ୍ରେକ ହୋଇଛି । ଉତ୍ତରାଖଣ୍ଡ, ଓ୍ୱାଇନାଡା, ଆନ୍ଧ୍ରପ୍ରଦେଶ ଏବଂ ସିକିମ୍‌ରେ ଜରୁରୀକାଳୀନ ସ୍ଥିତିରେ ଏନ୍‌ଡିଆରଏଫ୍‌ର କର୍ମଚାରୀମାନେ ସାହସିକତାର ସହ କାର୍ଯ୍ୟ କରିଥିବା ଶ୍ରୀ ମୋହନ କହିଛନ୍ତି । ଦେଶ ଶହୀଦମାନଙ୍କର ସାହସ ଏବଂ ପ୍ରତିବଦ୍ଧତାକୁ ସର୍ବଦା ସ୍ମରଣ କରିବ ବୋଲି ସେ କହିଛନ୍ତି ।

## କେରଳ-ନିଉ ଜଜେସ୍

କେରଳ ହାଇକୋର୍ଟରେ ଆଜି ୫ ଜଣ ନୂଆ ଅତିରିକ୍ତ ବିଚାରପତି ଶପଥ ଗ୍ରହଣ କରିଛନ୍ତି । ହାଇକୋର୍ଟ ପରିସରରେ ଆଜି ସକାଳେ ଆୟୋଜିତ ସ୍ୱତନ୍ତ୍ର ସମାରୋହରେ କେରଳ ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ୍ ନୀତିନ ଜାମ୍‌ଦାର ନୂତନ ବିଚାରପତିମାନଙ୍କୁ  ପଦ ଓ ଗୋପନୀୟତାର ଶପଥପାଠ କରାଇଥିଲେ । ନୂତନ ବିଚାରପତିମାନେ ହେଲେ ପି. କୃଷ୍ଣକୁମାର, କେ.ଭି. ଜୟକୁମାର, ଏସ୍.ମୁରଲୀକ୍ରିଷ୍ଣ, ଜୋବିନ୍ ସେବାଷ୍ଟେନ୍ ଏବଂ ପି.ଭି. ବାଲକ୍ରିଷ୍ଣନ । ଏହାଫଳରେ କେରଳ ହାଇକୋର୍ଟରେ ବିଚାରପତିଙ୍କ ସଂଖ୍ୟା ୪୫କୁ ବୃଦ୍ଧି ପାଇଛି ।

---

## ରେଲୱେ ସ୍ପେଶିଆଲ ଟ୍ରେନ୍

ଦୀପାବଳି ଏବଂ ଛଟ୍ ପର୍ବ ଅବସରରେ ଭାରତୀୟ ରେଳବାଇ ପକ୍ଷରୁ ଯାତ୍ରୀଭିଡ଼କୁ ଦୃଷ୍ଟିରେ ରଖି ବହୁସଂଖ୍ୟାରେ ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳର ବ୍ୟବସ୍ଥା କରାଯାଇଛି । ଚଳିତବର୍ଷ ରେଳବାଇ ପକ୍ଷରୁ ଗତବର୍ଷ ତୁଳନାରେ ୨ ହଜାର ୫୦୦ଟି ଅତିରିକ୍ତ ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳର ବ୍ୟବସ୍ଥା କରାଯାଇଛି । ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଚଳିତବର୍ଷ ସ୍ୱତନ୍ତ୍ର ଟ୍ରେନ୍ ସଂଖ୍ୟା ୭ ହଜାରକୁ ବୃଦ୍ଧି କରାଯାଇଛି ବୋଲି ଘୋଷଣା କରିଛନ୍ତି । ଗତବର୍ଷ ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ ସଂଖ୍ୟା ୪ ହଜାର ୫୦୦ ରହିଥିଲା । ଶ୍ରୀ ବୈଷ୍ଣବ କହିଛନ୍ତି ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ ଯୋଗୁଁ ଦୈନିକ ପ୍ରାୟ ୨ ଲକ୍ଷ ଅତିରିକ୍ତ ଯାତ୍ରୀ ଯାତାୟାତ କରିପାରିବେ ।

ପାର୍ବଣ ଋତୁରେ ଯାତ୍ରୀମାନଙ୍କୁ ନିରନ୍ତର ଏବଂ ଉତ୍ତମ ସେବା ଯୋଗାଇଦେବା ଲକ୍ଷ୍ୟରେ ରେଳ ଷ୍ଟେସନ୍‌ମାନଙ୍କରେ ଅତିରିକ୍ତ ଟିକେଟ୍

କାଉଣ୍ଟରର ବ୍ୟବସ୍ଥା କରାଯାଇଛି । ସେହିପରି ଯାତ୍ରୀମାନଙ୍କ ସୁବିଧା ନିମନ୍ତେ ସ୍ୱୟଂଚାଳିତ ଟିକେଟ୍ ଭେଣ୍ଡିଂ ମେସିନ୍ ଇନକ୍ୱାରୀ କାଉଣ୍ଟରେ, ପାନୀୟ ଜଳ ଯୋଗାଣ ଏବଂ ମୋବାଇଲ୍ ଟଏଲେଟ୍‌ର ବ୍ୟବସ୍ଥା କରାଯାଇଛି । ରେଳବାଇ ପକ୍ଷରୁ ସୁରକ୍ଷା କର୍ମଚାରୀଙ୍କ ସଂଖ୍ୟା ମଧ୍ୟ ଚଳିତ ବର୍ଷ ୩୦ ପ୍ରତିଶତ ବୃଦ୍ଧି କରାଯାଇଥିବା ସୂଚନା ଦିଆଯାଇଛି ।

## ହସ୍ପିଟାଲ୍ ଆରେଞ୍ଜମେଣ୍ଟସ୍ ଡିଓ୍ୱାଲୀ

ଦୀପାବଳି ପାଳନ ସମୟରେ ବାଣ ଦୁର୍ଘଟଣାରେ  ଆହତଙ୍କ ଚିକିତ୍ସା ନିମନ୍ତେ ରାଜଧାନୀ ଦିଲ୍ଲୀର ପ୍ରମୁଖ ହସ୍ପିଟାଲ ଗୁଡ଼ିକରେ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରାଯାଇଛି । ରାମମନୋହର ଲୋହିଆ ହସ୍ପିଟାଲ୍‌ରେ, ଏମସ୍ ଏବଂ ସବ୍‌ଦରଜଙ୍ଗ୍ ହସ୍ପିଟାଲ୍‌ରେ ଜରୁରୀକାଳୀନ ଓ୍ୱାର୍ଡ ସହ ଚିକିତ୍ସା ପାଇଁ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଇଛି । ହସ୍ପିଟାଲ୍ ଗୁଡ଼ିକରେ ସ୍ୱତନ୍ତ୍ର ଡାକ୍ତରୀ ଦଳ ମୁତୟନ ହୋଇଛନ୍ତି । ଆକାଶବାଣୀ ନ୍ୟୁଜ୍‌କୁ ସାକ୍ଷାତକାର ଦେଇ ଆର୍.ଏମ୍.ଏଲ୍. ହସ୍ପିଟାଲ୍‌ର ବର୍ଣ୍ଣ ଏବଂ ପ୍ଲାଷ୍ଟିକ୍ ସର୍ଜରୀ ବିଭାଗର ମୁଖ୍ୟ ଡାକ୍ତର ସମୀର ଭଟ୍ଟାଚାର୍ଯ୍ୟ କହିଛନ୍ତି, ଅଗ୍ନିକାଣ୍ଡ ରୋଗୀଙ୍କ ତୁରନ୍ତ ଚିକିତ୍ସା ପାଇଁ ଡାକ୍ତରଖାନାରେ ପ୍ରାୟ ୧୫ଟି ଶଯ୍ୟା ଖାଲି ରଖାଯାଇଛି । ବାଣ ବ୍ୟବହାର ସମୟରେ ସତର୍କ ରହିବାକୁ ଦିଲ୍ଲୀ ଏମସ୍ ବର୍ଣ୍ଣ ବିଭାଗର ମୁଖ୍ୟ ଡାକ୍ତର ମନିଶ ସିଂଘଲ ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି । ଶରୀରର ପୋଡ଼ିଥିବା ସ୍ଥାନକୁ ପାଣିରେ ଧୋଇଦେଇ, ଓଦା କପଡ଼ା ଗୁଡ଼ାଇ ଡାକ୍ତରଙ୍କ ପରାମର୍ଶ ନେବାକୁ ସେ କହିଛନ୍ତି ।

## ଅଯୋଧ୍ୟା ଦୀପୋତ୍ସବ

ଦୀପାବଳୀ ଅବସରରେ ଭଗବାନ ରାମଙ୍କ ନଗରୀ ଅଯୋଧ୍ୟାରେ ଆଜି ସର୍ବବୃହତ ଭବ୍ୟ ଦୀପୋତ୍ସବ ଦେଖିବାକୁ ମିଳିବ । ଉତ୍ତର ପ୍ରଦେଶ

ସରକାର ଏହି ଉତ୍ସବକୁ ଗିନିସ୍ ୱାର୍ଲ୍ଡ ରେକର୍ଡରେ ସ୍ଥାନିତ କରିବା ଲକ୍ଷ୍ୟରେ ଅଯୋଧ୍ୟା ନଗରୀରର ୫୫ଟି ଘାଟରେ ୨୫ଲକ୍ଷରୁ ଅଧିକ ଦୀପ ପ୍ରଜ୍ୱଳନର ବ୍ୟବସ୍ଥା କରିଛନ୍ତି । ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ, କେନ୍ଦ୍ର ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଗଜେନ୍ଦ୍ର ସିଂହ ଶେଖାୱତ ଏବଂ ଉତ୍ତର ପ୍ରଦେଶ ମନ୍ତ୍ରିମଣ୍ଡଳର ବହୁ ସଦସ୍ୟ ଏହି ଉତ୍ସବରେ ଯୋଗଦେବେ ।

ଆମ ସମ୍ବାଦଦାତାଙ୍କଠୁ ମିଳିଥିବା ସୂଚନା ଅନୁଯାୟୀ ଏହି ଉତ୍ସବ ଲାଗି ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି ।  ଗିନିସ୍ ୱାର୍ଲ୍ଡ ରେକର୍ଡ ଟିମ୍‌ର ପରାମର୍ଶଦାତା ଏବଂ ଅବଧ ବିଶ୍ୱବିଦ୍ୟାଳୟର ଗଣନା କମିଟି ସଦସ୍ୟଙ୍କ ନେତୃତ୍ୱରେ ୩୦ ଜଣିଆ ଦଳ ୫୫ଟି ଘାଟରେ ସଜାଯାଇଥିବା ଦୀପ ଗୁଡ଼ିକର ଗଣନା କରିସାରିଛନ୍ତି । ରାମପଥରେ ଆଜି ହେବାକୁ ଥିବା ଶୋଭାଯାତ୍ରାର ପ୍ରସ୍ତୁତି ମଧ୍ୟ ଶେଷ ହୋଇଛି । ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ଦେଶବିଦେଶରୁ କଳାକାରମାନଙ୍କୁ ଆମନ୍ତ୍ରଣ କରାଯାଇଛି । ଦୀପୋତ୍ସବ ପାଳନ ଅବସରରେ ୧୧ଶହରୁ ଅଧିକ ପୂଜକ ସରଯୂ ଆରତୀରେ ଯୋଗଦେବେ ।

---

## ୟୁଏସ୍‌ଏ- ଦିୱାଲୀ ସେଲିବ୍ରେସନ୍

ଆମେରିକାର ହ୍ୱାଇଟ୍ ହାଉସ୍ ପକ୍ଷରୁ ଭାରତ ଓ ଆମେରିକା ମଧ୍ୟରେ ସଂପର୍କ ବଜାୟ ରଖିବା ଉଦ୍ଦେଶ୍ୟରେ ଦୀପାବଳି ଉତ୍ସବ ପାଳନ କରାଯାଇଛି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଭାରତରେ ଥିବା ଆମେରିକା ରାଷ୍ଟ୍ରଦୂତ ଏରିକ୍ ଗାର୍ସେଟି  ଦୀପାବଳି ପାଳନ ଉତ୍ସବକୁ ପ୍ରଶଂସା କରିଛନ୍ତି । ଏକ ଐତିହାସିକ ପଦକ୍ଷେପ ସ୍ୱରୂପ ନଭେମ୍ବର ପହିଲାରେ ହିନ୍ଦୁ ପର୍ବ ଦୀପାବଳି ପାଳନ ପରିପ୍ରେକ୍ଷୀରେ ନିଉୟର୍କ ସିଟିର ସମସ୍ତ ସ୍କୁଲ୍ ବନ୍ଦ କରାଯିବ । ପ୍ରଥମଥର ଲାଗି ନିଉୟର୍କ ସିଟି ସ୍କୁଲ୍

ଗୁଡ଼ିକରେ ଦୀପାବଳି ଉପଲକ୍ଷେ ଛୁଟି ଘୋଷଣା କରାଯାଇଛି । ସ୍ଥାନୀୟ ଭାରତୀୟ ବଂଶୋଦ୍ଭବ ସମୁଦାୟଙ୍କ ଅନୁରୋଧ କ୍ରମେ ନିଉୟର୍କ ସିଟିର ମେୟର ମିଷ୍ଟର ଏରିକ୍ ଆଡାମ୍ ଏହି ଛୁଟି ଘୋଷଣା କରିଛନ୍ତି । ଗତ ୨୮ ତାରିଖରେ ହ୍ୱାଇଟ୍ ହାଉସ୍ ଠାରେ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ଏବଂ ଆମେରିକାର ପ୍ରଥମ ମହିଳା ଜିଲ୍ ବାଇଡେନ୍ ଦୀପାବଳି ଉତ୍ସବ ପାଳନ କରିଥିଲେ ।

## ଜେକେ ଓ୍ୱିପନ୍ସ ରିକୋଭର

ଜାମ୍ମୁର ଅଖ୍‌ନୁର ସେକ୍ଟର ଅନ୍ତର୍ଗତ ବାତାଲ ଅଞ୍ଚଳରୁ ସୁରକ୍ଷାବାହିନୀର ଯବାନମାନେ ବହୁ ପରିମାଣରେ ଅସ୍ତ୍ରଶସ୍ତ୍ର ଜବତ କରିଛନ୍ତି । ଗତକାଲି ସେନାବାହିନୀର ଯବାନ ଏବଂ ୩ ଜଣ ସଶସ୍ତ୍ର ସନ୍ତ୍ରାସବାଦୀମାନଙ୍କ ମଧ୍ୟରେ ସଂଘର୍ଷ ପରେ ସେହି ଅଞ୍ଚଳରେ ଯାଞ୍ଚ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଇଥିଲା । ସୁରକ୍ଷାବାହିନୀର ଯବାନମାନେ ତଲାସୀ ବେଳେ ଗୋଟିଏ ଏମ୍.-୪ କାର୍ବାଇନ୍, ଏକେ-୪୭ ରାଇଫଲ, ମାଗାଜିନ୍, ଗ୍ରେନେଡ୍ ଏବଂ ବହୁପରିମାଣର ଅସ୍ତ୍ରଶସ୍ତ୍ର ଜବତ କରିଛନ୍ତି । ଏଥିସହିତ ସୋଲାର ପ୍ୟାନେଲ୍, ସାଟେଲାଇଟ୍ ଫୋନ୍, ବିଭିନ୍ନ ବୈଦ୍ୟୁତିକ ଯନ୍ତ୍ରାଂଶ ଆଦି ଜବତ ହୋଇଛି । ସନ୍ତ୍ରାସବାଦୀମାନଙ୍କ ଅନୁପ୍ରବେଶରେ ରହିଥିବା ବିରାଟ ଷଡ଼ଯନ୍ତ୍ରର ତର୍ଜମା କରାଯିବା ସହ ସେହି ଅଞ୍ଚଳରେ ତଦନ୍ତ କାର୍ଯ୍ୟ ଜାରି ରହିଛି ।